# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 28 April - 2026

*********************************

## ମୁଖ୍ୟ ସମ୍ବାଦ

- ରାଜ୍ୟରେ ୨୦୩୬ ମସିହା ସୁଦ୍ଧା ୩୪ଟି ନୂଆ ଗ୍ରୀଡ୍ ସ୍ଥାପନ କରାଯିବ; କହିଲେ ମୁଖ୍ୟମନ୍ତ୍ରୀ

— କେନ୍ଦୁଝର ଜିଲ୍ଲା ଉଚ୍ଚାବାଲିଠାରେ ୧ ହଜାର ୬୪୬ କୋଟି ଟଙ୍କା ବ୍ୟୟରେ ନୂତନ ବିଦ୍ୟୁତ୍ ଗ୍ରୀଡ୍ ସବ୍‌ଷ୍ଟେସନର କଲେ ଶିଳାନ୍ୟାସ

- ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଆଜି ୧୭୮ତମ ଜୟନ୍ତୀରେ ରାଜ୍ୟବାସୀ ଦେଲେ ଶ୍ରଦ୍ଧାଞ୍ଜଳି

— ମଧୁବାବୁଙ୍କ ଜନ୍ମସ୍ଥାନ ସତ୍ୟଭାମାପୁରକୁ ପ୍ରମୁଖ ପର୍ଯ୍ୟଟନସ୍ଥଳି ଭାବେ ଗଢ଼ିତୋଳିବା ନେଇ ସରକାରଙ୍କ ନିଷ୍ପତ୍ତି

ଏବଂ

- କାଳବୈଶାଖୀ ପ୍ରଭାବରେ ରାଜ୍ୟର କେତେକ ସ୍ଥାନରେ ବଜ୍ରପାତ ସହିତ ବର୍ଷା ସମ୍ଭାବନା

# ମୁଖ୍ୟମନ୍ତ୍ରୀ-କେନ୍ଦୁଝର ଗସ୍ତ

ରାଜ୍ୟରେ ୨୦୩୬ ମସିହା ସୁଦ୍ଧା ୩୪ଟି ନୂଆ ଗ୍ରୀଡ୍ ସ୍ଥାପନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। କେନ୍ଦୁଝର ଗସ୍ତର ଦ୍ୱିତୀୟ ଦିନରେ ଆଜି ମୁଖ୍ୟମନ୍ତ୍ରୀ  ଜିଲ୍ଲାର ଉଚ୍ଛାବାଲି ହାଟପଡ଼ିଆଠାରେ ୧ହଜାର ୬୪୬ କୋଟି ଟଙ୍କା ବ୍ୟୟରେ ଏକ ନୂତନ ବିଦ୍ୟୁତ ଗ୍ରୀଡ୍ ସବଷ୍ଟେସନ୍ ସମେତ ୨ଟି ୨୨୦ କିଲୋଭୋଲ୍ଟ ଗ୍ରୀଡ ସବ୍‌ଷ୍ଟେସନ ଓ ୫ଟି ଟ୍ରାନ୍ସମିଶନ ଲାଇନ୍‌ର ମୁଖ୍ୟମନ୍ତ୍ରୀ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଗୁଣାତ୍ମକ ଓ ନିରବଚ୍ଛିନ୍ନ ବିଦ୍ୟୁତ୍‌ସେବା ବିକଶିତ ସମାଜର ପରିଚୟ। ଆଜିର ଏହି ଶିଳାନ୍ୟାସ ଯୋଗୁଁ  ୭ ଲକ୍ଷରୁ ଊର୍ଦ୍ଧ୍ୱ ଉପଭୋକ୍ତା ନିରବଚ୍ଛିନ୍ନ ବିଦ୍ୟୁତସେବା ପାଇବେ। ପୂର୍ବ ଭାରତରେ କେନ୍ଦୁଝର ଦ୍ୱିତୀୟ ଜାମସେଦ୍‌ପୁର ଭାବେ ଉଭା ହେବ। ଏଣିକି ମରାମତି ପାଇଁ ଆଉ ବିଦ୍ୟୁତ୍‌କାଟ କରିବାର ଆବଶ୍ୟକତା ପଡିବ ନାହିଁ। ରାଜ୍ୟର ବିଦ୍ୟୁତ ପରିଚାଳନା ପ୍ରଣାଳୀକୁ ସ୍ମାର୍ଟ କରିବା ଉପରେ ଗୁରୁତ୍ୱାରୋପ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ସରକାର ରାଜ୍ୟକୁ ଡିଜିଟାଲଇଜେସନ କରିବା ଦିଗରେ ଆଗେଇ ନେଉଛନ୍ତି।

ଅତ୍ୟାଧୁନିକ ବ୍ୟବସ୍ଥାଗୁଡ଼ିକ ଜିଲ୍ଲାର ଶିଳ୍ପ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ସହିତ ଓଡ଼ିଶାର ଭବିଷ୍ୟତ ବିଦ୍ୟୁତ ପରିବହନ ବ୍ୟବସ୍ଥାକୁ ବିଶ୍ୱସ୍ତରୀୟ କରିବ। କେନ୍ଦୁଝରରେ ଜାପାନର ଜେଏଫ୍‌ଇ ଷ୍ଟିଲ୍ ପ୍ଲାଣ୍ଟ

ପ୍ରତିଷ୍ଠା କରାଯାଇ ଇଲେକ୍‌ଟ୍ରିକାଲ ଷ୍ଟିଲ୍ ଉତ୍ପାଦନ ହେବ। ଜିଲ୍ଲାରେ ବଢୁଥିବା ଶିଳ୍ପ ଚାହିଦାକୁ ଦୃଷ୍ଟିରେ ରଖି ଆଗାମୀ ୨୦ ବର୍ଷର ଆବଶ୍ୟକତାକୁ ପୂରଣ କରିବା ବୋଲି ଶ୍ରୀ ମାଝୀ ଆଶା ବ୍ୟକ୍ତ କରିଛନ୍ତି। ପରେ ଜିଲ୍ଲାର ପୁରୁଷୋତ୍ତମପୁରସ୍ଥିତ ବି.ଏନ୍.କେ. ଉଚ୍ଚବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ମୁଖ୍ୟମନ୍ତ୍ରୀ ମୁଖ୍ୟ ଅତିଥି ଭାବରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଗସ୍ତର ତୃତୀୟ ଦିନରେ ଆସନ୍ତାକାଲି ଶ୍ରୀ ମାଝୀ ଧରଣୀଧର ବିଶ୍ୱବିଦ୍ୟାଳୟରେ ଏକାଧିକ ପ୍ରକଳ୍ପର ଉଦ୍‌ଘାଟନ ଏବଂ ଶିଳାନ୍ୟାସ କରିବା ସହ ଆମ ବସ୍ ରହଣି ସ୍ଥଳୀର ଉଦ୍‌ଘାଟନ କରିବେ।

## ମୁଖ୍ୟମନ୍ତ୍ରୀ-ମଧୁବାବୁ ଜୟନ୍ତୀ

ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଆଜି ୧୭୮ତମ ଜୟନ୍ତୀ ପାଳନ କରାଯାଉଛି। ମଧୁସୂଦନ ଦାସ ଥିଲେ ଓଡ଼ିଆ ଜାତିର ଗର୍ବ ଓ ଗୌରବ । ଜଣେ ପ୍ରଖ୍ୟାତ ଜାତୀୟତାବାଦୀ ନେତା ରୂପେ ଉତ୍କଳଗୌରବ ମଧୁସୂଦନ ଦାସ ଯେତିକି ପରିଚିତ, ବିଶିଷ୍ଟ ଆଇନଜ୍ଞ ଭାବେ ତାଙ୍କର ଭୂମିକା ଥିଲା ଅତ୍ୟନ୍ତ ଗରିମାମୟ । ଭାରତୀୟ ମହିଳାଙ୍କୁ ଆଇନଜୀବୀ ବୃତ୍ତି ଗ୍ରହଣ ଭଳି ଯୁଗାନ୍ତକାରୀ ଅଧିକାର ପ୍ରଦାନ କରି ମଧୁବାବୁ ଦେଶର ଆଇନଜୀବୀଙ୍କ ପାଇଁ ପ୍ରେରଣାଦାୟୀ ହୋଇ ରହିଛନ୍ତି ।

ଶୁଣନ୍ତୁ ଏ ସମ୍ପର୍କରେ ଏକ ସ୍ୱତନ୍ତ୍ର ରିପୋର୍ଟ.....

ମଧୁବାବୁ ଜଣେ ସୁଦକ୍ଷ ଆଇନଜ୍ଞ ହେବା ସହିତ ସହିତ ଏକାଧାରରେ ଥିଲେ ଜଣେ ସମାଜ ସଂସ୍କାରକ, ସାହିତ୍ୟ ସାଧକ, ଉତ୍କଳ ସମ୍ମିଳନୀର ପ୍ରତିଷ୍ଠାତା, ଶିକ୍ଷାବିତ୍, ଦାର୍ଶନିକ, ବ୍ୟବସ୍ଥାପକ ଏବଂ ଭାରତବର୍ଷର ଜଣେ ଆଗ ଧାଡ଼ିର ଜନନାୟକ । ମଧୁବାବୁ ଯେଉଁ ଅନୁଷ୍ଠାନଗୁଡ଼ିକୁ ପ୍ରତିଷ୍ଠା କରିଥିଲେ, ସେଗୁଡ଼ିକ ମଧ୍ୟରେ ଉତ୍କଳ ସମ୍ମିଳନୀ, ଓଡ଼ିଆ ସାହିତ୍ୟ ମଞ୍ଚ, ଉତ୍କଳ ସାହିତ୍ୟ ସମାଜ, ନିଖିଳ ଉତ୍କଳ ଛାତ୍ର ସଙ୍ଗଠନ, ଉତ୍କଳ ଟ୍ୟାନେରୀ, ତାଳଗୁଡ଼ ସଂସ୍ଥା, ନାରୀ ଜାଗରଣ ପାଇଁ ବାଳିକା ଉଚ୍ଚ ବିଦ୍ୟାଳୟ, ତନ୍ତ ଶିଳ୍ପ ପ୍ରଶିକ୍ଷଣ କେନ୍ଦ୍ର ସହିତ ଅନ୍ୟ କେତେକ ବିକାଶମୁଖୀ ଅନୁଷ୍ଠାନ ରହିଛି । ୧୯୨୪ ମସିହାରୁ ମଧୁବାବୁଙ୍କ ସ୍ୱଦେଶୀ ଆନ୍ଦୋଳନ, ଗ୍ରାମ୍ୟ ଉନ୍ନୟନ ପରିକଳ୍ପନା, ସମସ୍ତଙ୍କୁ ମୌଳିକ ଶିକ୍ଷାର ଅଧିକାର, ପଛୁଆ ଶ୍ରେଣୀ ଲୋକମାନଙ୍କର ଉତ୍ଥାନ ଆଦି କେତେକ ଜନଜାଗରଣ ପ୍ରସଙ୍ଗ ମହାତ୍ମା ଗାନ୍ଧୀଙ୍କ ଚିନ୍ତାଧାରାକୁ ଗଭୀର ଭାବେ ପ୍ରଭାବିତ କରିଥିଲା ।

'ଉତ୍କଳ ଗୌରବ' ମଧୁସୂଦନ ଦାସଙ୍କ ଜୟନ୍ତୀ ଅବସରରେ **ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ ଆଜି କେନ୍ଦୁଝରଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ।

ମୁଖ୍ୟମନ୍ତ୍ରୀ କହିଛନ୍ତି, କେନ୍ଦୁଝର ପ୍ରଜା ଆନ୍ଦୋଳନ ସମୟରେ ଜଣେ ବିଚକ୍ଷଣ ଆଇନଜୀବୀ ଭାବେ ନ୍ୟାୟ ପ୍ରଦାନ କରିବାରେ ମଧୁବାବୁଙ୍କ ଭୂମିକା ଅବିସ୍ମରଣୀୟ ।

ମଧୁବାବୁଙ୍କ  ଆଦର୍ଶରେ ଅନୁପ୍ରାଣିତ ହୋଇ ଏକ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ରାଜ୍ୟ ସରକାର ସର୍ବଦା ପୂଜ୍ୟପୂଜା ପରମ୍ପରାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇଆସୁଛନ୍ତି। ମଧୁବାବୁଙ୍କ ଜନ୍ମସ୍ଥାନ ସତ୍ୟଭାମାପୁରକୁ ଏକ ପ୍ରମୁଖ ପର୍ଯ୍ୟଟନ ଓ ପ୍ରେରଣାସ୍ଥଳିଭାବେ ଗଢ଼ିତୋଳିବା ପାଇଁ ସରକାର ସ୍ୱତନ୍ତ୍ର ଭିତ୍ତିଭୂମି ନିର୍ମାଣ କରୁଛନ୍ତି ବୋଲି ଶ୍ରୀ ମାଝୀ କହିଛନ୍ତି।

## - V/O -

ମଧୁବାବୁଙ୍କ ଶିଳ୍ପାୟନର ସ୍ୱପ୍ନକୁ ସାକାର କରିବା ପାଇଁ କେନ୍ଦୁଝର ସମେତ ଓଡ଼ିଶାର ସ୍ଥାନୀୟ କାରିଗରଙ୍କୁ ସରକାର ପ୍ରୋତ୍ସାହନ ଯୋଗାଇ ଦେଉଛନ୍ତି। ମଧୁବାବୁଙ୍କ ଭଳି ଅନ୍ୟାନ୍ୟ ମହାପୁରୁଷଙ୍କ ବଳିଦାନକୁ ପ୍ରତିଟି ଓଡ଼ିଆଙ୍କ ପାଖରେ ପହଞ୍ଚାଇବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ରାଜ୍ୟର ସମସ୍ତ ଉପାନ୍ତ ଅଂଚଳର ବିକାଶକୁ ମୁଖ୍ୟ ଧାରା ସହ ଯୋଡିବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଆୟୋଜିତ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, ସାଂସଦ ଅନନ୍ତ ନାୟକ ଏବଂ ବହୁ ପ୍ରଶାସନିକ ଅଧିକାରୀ ଯୋଗଦେଇ ମଧୁବାବୁଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

ଆକାଶବାଣୀ ସମ୍ବାଦ ବିଭାଗ ପାଇଁ ମୁଁ ସ୍ମୃତିରେଖା ତାରେଣିଆ

**ମଧୁସୂଦନ ଜୟନ୍ତୀ**

ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ କାର୍ଯ୍ୟକ୍ରମ ପାଳନ କରାଯାଉଛି।

**କଟକ** ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଓସାହେବ୍ ସିନ୍ଦେ ଗୋରାକବରସ୍ଥିତ ମଧୁବାବୁଙ୍କ ସମାଧିପୀଠରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। **କଳାହାଣ୍ଡି** ଜିଲ୍ଲା ଓକିଲ ସଂଘ ପକ୍ଷରୁ କୋର୍ଟ ପରିସରରେ ମଧୁବାବୁଙ୍କ ଜୟନ୍ତୀ ତଥା ଆଇନଜୀବୀ ଦିବସ ପାଳିତ ହୋଇଯାଇଛି। **ରାୟଗଡ଼ା**ସ୍ଥିତ ଜିଲ୍ଲାକୋର୍ଟ ଓ ଉତ୍କଳଗୌରବ ମଧୁସୂଦନ ବୈଷୟିକ ଶିକ୍ଷାନୁଷ୍ଠାନରେ ଆୟୋଜିତ କାର୍ଯ୍ୟକ୍ରମରେ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ମଧୁ ବାବୁଙ୍କ ତ୍ୟାଗ ଓ ବଳିଦାନର ବଳିଷ୍ଠ କାହାଣୀର ସ୍ମୃତିଚାରଣ କରାଯାଇଥିଲା। **ଭଦ୍ରକ** ଜିଲ୍ଲା ଓକିଲ ସଂଘ, ଗାନ୍ଧୀ ବିଚାର ମଂଚ ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ପୁରୁଣା କଚେରୀଠାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଜଜ୍ ଲଲାଟେନ୍ଦୁ ଜେନା ସଭାରେ ଯୋଗଦେଇ ମଧୁବାବୁଙ୍କ ସ୍ମୃତିଚାରଣ କରିବା ସହିତ ଯୁବ ଆଇନ୍‌ଜୀବୀମାନଙ୍କୁ ତାଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ। **ବରଗଡ଼** ଜିଲ୍ଲା ଓକିଲ ସଂଘ ପକ୍ଷରୁ ଆଜି ଅଧିବକ୍ତା ଦିବସ ପାଳିତ ହୋଇଯାଇଛି। ଉପଜିଲ୍ଲାପାଳ ପ୍ରସନ୍ନ କୁମାର ପାଣ୍ଡେ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟର୍ପଣ କରିବା ସହିତ ଏହି ଦିବସ ପାଳନର ପ୍ରାସଙ୍ଗିକତା ସମ୍ପର୍କରେ ଆଲୋଚନା କରିଥିଲେ।

# ଡବ୍ଲ୍ୟୁବି ପୁଲିଂ

ପଶ୍ଚିମବଙ୍ଗରେ ଦ୍ୱିତୀୟ ପର୍ଯ୍ୟାୟ ବିଧାନସଭା ନିର୍ବାଚନ ନିମନ୍ତେ ଆସନ୍ତାକାଲି ୭ଟି ଜିଲ୍ଲାର ୧୪୨ଟି ଆସନ ନିମନ୍ତେ ଭୋଟ୍‌ଗ୍ରହଣ ଅନୁଷ୍ଠିତ ହେବ। ଏହି ପର୍ଯ୍ୟାୟରେ ୩ କୋଟି ୨୦ଲକ୍ଷରୁ ଅଧିକ ଭୋଟର ସେମାନଙ୍କ ସାମ୍ବିଧାନିକ ଅଧିକାର ସାବ୍ୟସ୍ତ କରିବେ। ସୂଚନା ଅନୁଯାୟୀ ଏହି ପର୍ଯ୍ୟାୟରେ ୧ କୋଟି ୫୦ଲକ୍ଷରୁ ଅଧିକ ମହିଳା ଭୋଟର ଏବଂ ୭୯୨ରୁ ଅଧିକ ତୃତୀୟଲିଙ୍ଗୀ ଭୋଟର ଅଛନ୍ତି । ଆସନ୍ତାକାଲି ହେବାକୁ ଥିବା ନିର୍ବାଚନରେ ୧ହଜାର ୪୪୮ଜଣ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ ହେବ । ସେମାନଙ୍କ ମଧ୍ୟରେ ୨୨୦ଜଣ ମହିଳା ପ୍ରାର୍ଥୀ ଅଛନ୍ତି ।

## ବିଲ୍

ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦର ଟର୍ମିନାଲ-୧ ପରିସରରେ ମିଳିତ ସଂସଦୀୟ କମିଟି ଅଧ୍ୟକ୍ଷ ଅପରାଜିତା ଷଡଙ୍ଗୀ ଆଜି ସନ୍ଧ୍ୟାରେ ତିନୋଟି ବିଲ୍ ସମ୍ପର୍କରେ ପ୍ରେସ୍ ବିବୃତ୍ତି ଜରିଆରେ ସୂଚନା ପ୍ରଦାନ କରିବେ। ୧୩୦ତମ ସମ୍ବିଧାନ ସଂଶୋଧନ ବିଲ୍-୨୦୨୫, ଜମ୍ମୁ-କଶ୍ମୀର ପୁନର୍ଗଠନ ବିଲ୍ ଏବଂ କେନ୍ଦ୍ରଶାସିତ ପ୍ରଦେଶ ସରକାର ବିଲ୍ ୨୦୨୫ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ସୂଚନା ପ୍ରଦାନ କରିବେ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି।

## ସୀତା ବିବାହ

ଓଡ଼ିଆ ଚଳଚିତ୍ର ଜଗତ ଆଜି ୯୧ବର୍ଷ ପୂର୍ତ୍ତି ଉତ୍ସବ ପାଳନ କରୁଛି। ୧୯୩୬ ମସିହା ଆଜିର ଦିନରେ ପ୍ରଥମ ଓଡ଼ିଆ ଚଳଚିତ୍ର ସୀତା ବିବାହ ମୁକ୍ତିଲାଭ କରିଥିଲା। ଓଡ଼ିଶାର ସାଂସ୍କୃତିକ ସ୍ୱାଭିମାନ ଏବଂ ଗୌରବମୟ

ଅସ୍ମିତାର ଇତିହାସରେ ଏହା ଏକ ସ୍ୱର୍ଣ୍ଣିମ ମୁହୂର୍ତ୍ତ। ଆଜିଯାଏ ଓଡ଼ିଆ ଚଳଚ୍ଚିତ୍ର ଅସଂଖ୍ୟ ବାଧାବିଘ୍ନ ଓ ସଂଘର୍ଷକୁ ଅତିକ୍ରମ କରି ଓଡ଼ିଆ ଜାତିର କଳା, ଭାଷା ଓ ପରମ୍ପରାକୁ ବିଶ୍ୱ ଦରବାରରେ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଛି। ଓଡ଼ିଆ ଚଳଚ୍ଚିତ୍ର କେବଳ ମନୋରଞ୍ଜନର ମାଧ୍ୟମ ନୁହେଁ; ବରଂ ଏହା ଆମ ସମାଜର ପ୍ରତିଛବି ଏବଂ ସାଂସ୍କୃତିକ ଜାଗରଣର ଏକ ଶକ୍ତିଶାଳୀ ସ୍ୱର ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ  କହିଛନ୍ତି।

## ପଟ୍ଟା ମେଳା

**ମାଲକାନଗିରି** ଜିଲ୍ଲା ପ୍ରଶାସନ ପକ୍ଷରୁ ଶିକ୍ଷାର ବିକାଶ ପାଇଁ ଏକ ଯୁଗାନ୍ତକାରୀ ଅଭିଯାନ ଆରମ୍ଭ ହୋଇଛି। ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜ ସିର୍କେଙ୍କ ନିର୍ଦ୍ଦେଶକ୍ରମେ ବିଦ୍ୟାଳୟ ଜମି ପଟ୍ଟା ମେଳା ଅନୁଷ୍ଠିତ ହୋଇଯାଇଛି।  ଶିବିରରେ ଜିଲ୍ଲାର ୧ ହଜାର ୫୦ ଟି ସରକାରୀ ବିଦ୍ୟାଳୟକୁ ଜମି ପଟ୍ଟା ପ୍ରଦାନ କରିବା ପ୍ରକ୍ରିୟା ତ୍ୱରାନ୍ୱିତ କରାଯାଇଛି। ଜିଲ୍ଲାରେ ଥିବା ମୋଟ ୧ ହଜାର ୨୪୨ଟି ସରକାରୀ ବିଦ୍ୟାଳୟ ମଧ୍ୟରୁ ପ୍ରାୟ ୮୫ ପ୍ରତିଶତ ଅନୁଷ୍ଠାନର ନିଜସ୍ୱ ପଟ୍ଟା ନଥିବାରୁ ପ୍ରଶାସନ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି।

## ଦୁର୍ଘଟଣା

**ନୟାଗଡ଼** ଜିଲ୍ଲା ଖେଡପଡା ନିକଟରେ ଏକ ବସ୍ ଦୁର୍ଘଟଣାରେ ୨୦ ଜଣରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ ହେବା ସହିତ  ୫ ଜଣ ଗୁରୁତର ଆହତ ହୋଇଛନ୍ତି। ଗୁରୁତର ଆହତମାନଙ୍କୁ ଉଦ୍ଧାର କରାଯାଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କାର୍ଯ୍ୟ ଜାରି ରଖିଛି।

# ପାଣିପାଗ

ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜାରି ରହିଛି । ଝାରସୁଗୁଡ଼ା, ସୁବର୍ଣ୍ଣପୁର, ବୌଦ୍ଧ, ନୟାଗଡ଼, ବଲାଙ୍ଗିର ଓ କଳାହାଣ୍ଡି ଜିଲ୍ଲାକୁ ଗ୍ରୀଷ୍ମ ଲହରୀ ନେଇ ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି ।

ଆଗାମୀ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର କେତେକ ସ୍ଥାନରେ ବଜ୍ରପାତ ସହ ବର୍ଷା ହେବାର ସମ୍ଭାବନା ରହିଛି । ଏହି ସମୟରେ ସମୁଦ୍ର ଅଶାନ୍ତ ରହୁଥିବାରୁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ଯିବାକୁ ବାରଣ କରାଯାଇଛି ।

ଗତ ୨୪ ଘଣ୍ଟାରେ ଗଞ୍ଜାମ ଜିଲ୍‌ାର ସୋରଡାରେ ସର୍ବାଧିକ ୫୩ ଦଶମିକ ୬ ମିଲିମିଟର ବର୍ଷା ରେକର୍ଡ କରାଯାଇଛି ।

ବଙ୍ଗୋପସାଗରରୁ ଆସୁଥିବା ଜଳୀୟ ବାଷ୍ପପୂର୍ଣ୍ଣ ବାୟୁର ପ୍ରଭାବରେ ରାଜ୍ୟରେ କାଳବୈଶାଖୀ ହେବାର ସମ୍ଭାବନା ଥିବା ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି । ଏହାର ପ୍ରଭାବରେ ତାପମାତ୍ରା ୨ରୁ ୩ ଡିଗ୍ରୀ ସେଲସିୟସ ପର୍ଯ୍ୟନ୍ତ ହ୍ରାସ ପାଇବ ବୋଲି କୁହାଯାଇଛି ।